# Akashvani, Sambalpur

## SAMBALPURI NEWS BULLETIN

### 17 February 2025- 6.47- 6.52 am.

*********************************************

ବଜେଟ୍ -ବିଧାନ୍‌ସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଆଏଜ୍ ବିଧାନ୍‌ସଭା ନ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କର୍‌ବେ । ସର୍‌କାର୍ ଚାଷୀ, ମହିଳା, ଯୁବବର୍ଗ, ବୟସ୍କ ଆର୍ ଭିନ୍ ଭିନ୍ ବର୍ଗର୍ ସାମଗ୍ରିକ୍ ବିକାଶ୍ ଲାଗି ସର୍‌କାର୍ ବଜେଟ୍‌ଥି ବହୁତ୍‌ଟେ ବ୍ୟବସ୍ଥା ଆନିପାରନ୍ ବଲି ଜନାପଡ଼ିଛେ । ଇତାର୍‌ସହେତେ ଅର୍ଥନୈତିକ୍ ସର୍ବେକ୍ଷଣ୍ ରିପୋର୍ଟ ଅନ୍‌ସାରେ ଆଏବା ବଛ୍‌ରେ ଅର୍ଥନୈତିକ୍ ଅଭିବୃଦ୍ଧି ହାର ୮ ଦଶ୍‌ମିକ୍ ୫କେ ପୁହୁଁଚାବାର୍ ଲାଗି ରାଜ୍ୟ ସର୍‌କାର୍ ଇ ବଜେଟ୍‌ଥି ବ୍ୟବସ୍ଥା କର୍‌ବେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି I&PR

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍  ଚାଲୁଥିବାର୍‌ନୁ ଆଏଜ୍ ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ପରବର୍ତୀ ତାରିଖ୍ ସମ୍ବାଦ୍‌ପତ୍ର ଆର୍ ଭିନ୍ ଭିନ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟସ୍ତରୀୟ ମତ୍ସ୍ୟ ପ୍ରାଣୀ ସମାବେଶ  I&PR

ମାଛ୍ ଚାଷୀ ଆର୍ ପ୍ରାଣୀପାଲକ୍‌ମାନେ ରାଜ୍ୟର୍ ସମୃଦ୍ଧିର୍ ମେରୁଖୁମ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ରାଜ୍ୟସ୍ତରୀୟ ମତ୍ସ୍ୟ ପ୍ରାଣୀ ସମାବେଶ୍ ୨୦୨୫ର ଉଦ୍‌ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଡକ୍ଟର୍ କମ୍ଭମପାଟି କହିଛନ୍, ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ଆର୍ ଭିନ୍ ଭିନ୍ ଜଲ୍‌ଭଣ୍ଡାର୍ ମତ୍ସ୍ୟ ଆର୍ ପ୍ରାଣୀ ସମ୍ପଦ୍‌ର ବିକାଶ୍‌କେ ତହଁକେଇପାର୍‌ବା । ଗଲାକାଏଲ୍ ହେଇଥିବା ଉଦ୍‌ଯାପନୀ ସମାବେଶ୍‌ଥି ମନ୍ତ୍ରୀଙ୍କୁ ପରାରନ୍ତୁ କାର୍ଯ୍ୟକ୍ରମ୍ ଜରିଏ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ମାଛ୍

ଚାଷୀ ଆଉ ପ୍ରାଣୀପାଳକ ମାନଙ୍କର ପ୍ରଶ୍ନର ଉତର ଦେଇଥିଲେ । କେଉଁସି ସରକାରୀ କର୍ମଚାରୀ ସେମାନଙ୍କୁ ହଏରାନ କଲେ, ତୁରନ୍ତି ଚିଠି ଜରିଏ ଜନାବାର ଲାଗି ଚାଷୀମାନଙ୍କୁ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ । କାର୍ଯ୍ୟକ୍ରମଥି ସଫଲ ଚାଷୀ ଆଉ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ-ସତ୍ୟବାଦୀ ବନବିଦ୍ୟାଳୟ I&PR

ସତ୍ୟବାଦୀ ବନବିଦ୍ୟାଳୟ ଓଡ଼ିଆ ଜାତୀୟ ଚେତନାର ପ୍ରାଣକେନ୍ଦ୍ର ଆଉ ସତ୍ୟବାଦୀର ପଂଚଶଖା ସମାଜର ଦର୍ପନ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ । ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଠାନେ ସତ୍ୟବାଦୀ ମହୋତ୍ସବଥି ଯୋଗ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ, ଐତିହାସିକ ସତ୍ୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ଲାଗି ସରକାର ପଦକ୍ଷେପ ନେଇଛନ । ବକୁଳବନ ଆଉ ସତ୍ୟବାଦ ବନବିଦ୍ୟାଳୟର ବିକାଶ କରିକରି ଐତିହାସିକ ପର୍ଯ୍ୟଟନ କ୍ଷେତ୍ର କରବାରକେ ପଦକ୍ଷେପ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ । ମହୋତ୍ସବ ନ ଯୋଗ ଦେବାର ଆଘୋନୁ ମୁଖ୍ୟମନ୍ତ୍ରୀ

ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ୍ କରିକରି ଭିତିଭୂମି ବିକାଶ୍ର ତଦାରଖ୍ କରିଛନ୍ ।

ସିଏଚ୍ଏସ୍ଇ -ଯୁକ୍ତ ଦୁଇ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍ଏସ୍ଇ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷା ଆଏବା କାଏଲ୍ଠାନୁ ମୁଲ୍ ହେବା । ଇଥିର୍ଲାଗି ୫୮ ଟା ପରୀକ୍ଷା ହବ୍କେ ପ୍ରଶ୍ନପତ୍ର ପୁହୁଁଚିସାରିଛେ । ଇଥର ସମ୍ବଲ୍ପୁର୍ ଜୋନ୍ ଅନ୍ତର୍ଗତ ୯ ଟା ଜିଲ୍ଲା ସମ୍ବଲ୍ପୁର୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, କଲାହାଣ୍ଡି, ନୂଆପଡ଼ା, ବର୍ଗଡ଼୍, ଦେବ୍ଗଡ଼୍, ଝାର୍ସୁଗୁଡ଼ା ଆର୍ ସୁନ୍ଦର୍ଗଡ଼୍ ନ ୩ ଶହ ୯୫ ଟା ପରୀକ୍ଷା କେନ୍ଦ୍ର ନ ୯୨ ହଜାର୍ ୯ ଶହ ୩ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପରୀକ୍ଷା ଲାଗି ସିଏଚ୍ଏସ୍ଇ ଆର୍ ପ୍ରଶାସନ୍ ତର୍ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାହେଇଛେ ।

ସୁଭଦ୍ରା ସମୀକ୍ଷା - ଅନୁଗର୍ଗ I&PR

ସୁଭଦ୍ରା ଯୋଜ୍‌ନାର୍ କ୍ଷେତ୍ରୀୟ ତଦନ୍ତ ପ୍ରକ୍ରିୟା ଆଏବା ୨୩ ତାରିଖ୍‌ତକ୍ ସାର୍‌ବାର୍‌କେ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁଗର୍ଗ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଭାସୀ ଜରିଏ ସୁଭଦ୍ରା ଯୋଜ୍‌ନାର୍ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ଗର୍ଗ ସବୁ ଜିଲ୍ଲା ଆର୍ ମହାନଗର୍ ନିଗମ୍ ମାନେ ଫେବୃଆରୀ ୧୯ ତାରିଖ୍‌ତକ୍ ଯୋଜ୍‌ନାର୍ କ୍ଷେତ୍ରୀୟ ତଦନ୍ତର୍ ଅସ୍ଥାୟୀ ତାଲିକା ପ୍ରକାଶ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଲଗାତାର୍ କ୍ଷେତ୍ରୀୟ ତଦନ୍ତର୍ ଅସ୍ଥାୟୀ ତାଲିକା ବନାବେ ବଲି ଭିଲ୍ କହିଛନ୍ । କ୍ଷେତ୍ରୀୟ ଅଧିକାରୀମାନେ ଯାଂଚ୍ ପ୍ରକ୍ରିୟା ତୁର୍‌ତି ସାରିକରି ଆବେଦନ୍‌କାରୀମାନ୍‌କର୍ ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ୍ କର୍‌ବାର୍‌କେ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜସ୍ୱ ମନ୍ତ୍ରୀ-ପାର୍ଟ ପ୍ଲଟ୍        ଆର୍‌ଏନ୍‌ୟୁ/ସମ୍ବଲପୁର

୫ ହଜାର୍ ବର୍ଗଫୁଟ୍‌ତକ୍ ପାର୍ଟ ପ୍ଲଟ୍ ଘିନାବିକାଥି କଟ୍‌କନା ନାଇଁ ଲଗାବାର୍‌କେ ରାଜ୍ୟ ସର୍‌କାର୍ ଯୋଜ୍‌ନା କରୁଛନ୍ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ କହିଛନ୍, ଇ ବାବଦ୍ ଚିଠା ନିୟମ୍ ତିଆର୍ ସରିଛେ ଆର୍ ହପ୍ତେ ଭିତ୍‌ରେ ନୂଆଁ ବିଜ୍ଞପ୍ତି

ବାହାର୍‌ବା । ସେନ୍ତା ଆପାର୍ଟମେଂଟ୍ ଘିନାବିକା ଲାଗି ନୂଆଁ ନିୟମ୍ ଆସ୍‌ବା ବଲି ମନ୍ତ୍ରୀ ମନ୍ତ୍ରୀ ପୂଜାରୀ କହିଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୩ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପାରା ଆଥ୍‌ଲେଟିକ୍ ଚାମ୍ପିଆନ୍‌ସିପ        ଆର୍‌ଏନ୍‌ୟୁ/ ସମ୍ବଲପୁର

ତାମିଲ୍‌ନାଡୁର୍ ଚେନ୍ନାଇ ଠାନେ ଆଏବା କାଏଲ୍‌ଠାନୁ ଜାତୀୟ ପାରା ଆଥ୍‌ଲେଟିକ୍ ଚାମ୍ପିଆନ୍‌ସିପ୍ ମୁଲ୍ ହେବା । ଇଥିର୍‌ଲାଗି ଓଡ଼ିଶାର୍ ୩୨ ଝନିଆ ଦଲ୍ ଚେନ୍ନାଇ ଯାଇଛେ । ଖେଲାଲୀମାନ୍‌କର୍ ସାଙ୍ଗେ ୬ ଝନ୍ କୋଚ୍ ଆର୍ ୫ ଝନ୍ ସହାୟକ୍ କର୍ମଚାରୀ ଭିଲ୍ ଯାଇଛନ୍ ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ହେଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ମହିଳା ବର୍ଗଥି ଇଂଲଣ୍ଡ ପେନାଲ୍‌ଟି ସୁଟ୍‌ଆଉଟ୍ ୨-୧ ଗୋଲ୍‌ଥି ଭାରତ୍‌କେ ଆଉ ସ୍ପେନ୍ ଦଲ୍ ୨-୧ ଗୋଲ୍‌ଥି ଜର୍ମାନୀକେ ହରେଇଥିଲା । ସେଆଡ଼େ ପୁରୁଷ ବର୍ଗଥି ଭାରତ - ସ୍ପେନ୍‌କେ ୨-ଶୂନ୍ ଗୋଲ୍‌ଥି ହରେଇଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ବୁଧବାର୍ ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଘଡ଼୍ଘଡ଼ି ସାଙ୍ଗେ ବର୍ଷାର୍ ସମ୍ଭାବନା ରହିଛେ । ଗୁରୁବାର୍‌ନୁ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିନ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।